# NATIONAL NEWS BULLETIN (ODIA)

## 12 November - 2025

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି ବିହାର ବିଧାନସଭାର ଅନ୍ତିମ ପର୍ଯ୍ୟାୟ ଏବଂ ୭ଟି ରାଜ୍ୟର ୮ଟି ବିଧାନସଭା ଉପ-ନିର୍ବାଚନ ।

– ବିହାରରେ ଏହି ପର୍ଯ୍ୟାୟରେ ମତାଧିକାର ସାବ୍ୟସ୍ତ କଲେ ୬୮ ପ୍ରତିଶତରୁ ଅଧିକ ମତଦାତା ।

- ଭୁଟାନ୍ ସହ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଥିମ୍ପୁ ଠାରେ ପ୍ରଧାନମନ୍ତ୍ରୀ ଏବଂ ଭୁଟାନ୍ ରାଜାଙ୍କ ମଧ୍ୟରେ ଆଲୋଚନା ବୈଠକ ଅନୁଷ୍ଠିତ ।
- କାର୍ ବିସ୍ଫୋରଣ ଘଟଣା ପରିପ୍ରେକ୍ଷୀରେ ଦିଲ୍ଲୀର ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ କଡ଼ାକଡ଼ି ହେଲା ସୁରକ୍ଷା ବ୍ୟବସ୍ଥା ।
- ଓଡ଼ିଶା ପୁଲିସ୍ ଏସ୍.ଆଇ. ନିଯୁକ୍ତି ପରୀକ୍ଷାରେ ଅନିୟମିତତା ଅଭିଯୋଗର ତଦନ୍ତ କରିବ ସି.ବି.ଆଇ. ।

ଏବଂ

- ଆଜି ପାଳନ କରାଯାଉଛି ଲୋକସେବା ପ୍ରସାରଣ ଦିବସ ।

# ନିର୍ବାଚନ

ବିହାର ବିଧାନସଭା ନିର୍ବାଚନର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ମତଦାନ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି । ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏହି ପର୍ଯ୍ୟାୟରେ ମତଦାନ ହାର ୬୮ ଦଶମିକ୍ ୭/୬ ପ୍ରତିଶତ ହୋଇଛି । କଟିହାର ଜିଲ୍ଲାରେ ମତଦାନ ସର୍ବାଧିକ ୭୯ ଦଶମିକ୍ ୧, କିଶନ୍‌ଗଞ୍ଜରେ ୭୮ ଦଶମିକ୍ ୧/୬, ପୁର୍ଣ୍ଣିଆରେ ୭୬ ଦଶମିକ୍ ୪/୭ ପ୍ରତିଶତ ହୋଇଛି ।

୨୦ଟି ଜିଲ୍ଲାର ୧୨୨ଟି ଆସନ ପାଇଁ ଏହି ପର୍ଯ୍ୟାୟରେ ମତଗ୍ରହଣ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ୬୫ ଦଶମିକ୍ ଶୂନ୍ ୮ ପ୍ରତିଶତ ମତଦାନ ହୋଇଥିଲା । ଏହାକୁ ମିଶାଇ ଦୁଇଟି ଯାକ ପର୍ଯ୍ୟାୟରେ ହାରାହାରି ୬୬ ଦଶମିକ୍ ୯/୧ ପ୍ରତିଶତ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି । ୧୯୫୧ ମସିହା ପରଠାରୁ ତୁଳନାତ୍ମକ ଭାବରେ ଦେଖିଲେ ଚଳିତ ଥର ରାଜ୍ୟରେ ସର୍ବାଧିକ ମତଦାନ ହୋଇଛି । ୬୨ ଦଶମିକ୍ ୮ ପ୍ରତିଶତ ପୁରୁଷ ଏବଂ ୭୧ ଦଶମିକ୍ ୬ ପ୍ରତିଶତ ମହିଳା ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏବଂ ନିର୍ବାଚନ କମିଶନର୍ ଡକ୍ଟର ଶୁଖବିନ୍ଦର ସିଂହ ସାନ୍ଧୁ ଏବଂ ଡକ୍ଟର ବିବେକ ଯୋଶୀ ଦ୍ୱିତୀୟ ପର୍ଯ୍ୟାୟରେ ସମସ୍ତ ୪୫ ହଜାର ୩୯୯ ମତଦାନ କେନ୍ଦ୍ରରେ ୱେବ୍‌କାଷ୍ଟିଂ ମାଧ୍ୟମରେ ନିର୍ବାଚନର ସମୀକ୍ଷା କରିଥିଲେ ।

ପ୍ରଥମଥର ପାଇଁ ଆନ୍ତର୍ଜାତିକ ନିର୍ବାଚନ ପରିଦର୍ଶକ କାର୍ଯ୍ୟକ୍ରମ ଅଧୀନରେ ୬ଟି ଦେଶର ୧୬ ଜଣ ପ୍ରତିନିଧି ନିର୍ବାଚନ ପ୍ରକ୍ରିୟାର ଅନୁଧ୍ୟାନ

କରିଥିଲେ । ସେହି ଦେଶଗୁଡ଼ିକ ହେଉଛି – ଦକ୍ଷିଣ ଆଫ୍ରିକା, ଇଣ୍ଡୋନେସିଆ, ଥାଇଲାଣ୍ଡ, ଫିଲିପାଇନ୍ସ, ବେଲ୍‌ଜିୟମ୍ ଏବଂ କଲମ୍ବିଆ ।

୭ଟି ରାଜ୍ୟର ୮ଟି ବିଧାନସଭା ମଣ୍ଡଳୀରେ ଉପ-ନିର୍ବାଚନ ପାଇଁ ମଧ୍ୟ ଗତକାଲି ଶାନ୍ତିଶୃଙ୍ଖଳାର ସହ ମତଦାନ ଶେଷ ହୋଇଛି । ଓଡ଼ିଶାର ନୂଆପଡ଼ା ସମେତ ଜାମ୍ମୁକାଶ୍ମୀରର ବୋଡ଼ଗୋଓଁ ଏବଂ ନାଗ୍ରୋଟା, ରାଜସ୍ଥାନର ଆଣ୍ଟା, ଝାଡ଼ଖଣ୍ଡର ଘଟଶୀଳ, ତେଲଙ୍ଗାନାର ଜୁବୁଲି ହିଲ୍‌ସ, ପଞ୍ଜାବର ତର୍ନତରନ୍ ଏବଂ ମିଜୋରାମର ଡମ୍ପା ବିଧାନସଭା ଉପନିର୍ବାଚନ ପାଇଁ ମତଗ୍ରହଣ କରାଯାଇଛି । ନୂଆପଡ଼ାରେ ୭୯ ଦଶମିକ୍ ଶୂନ୍ ୨ ପ୍ରତିଶତ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି । ସେଥିମଧ୍ୟରେ ୮୧ ଦଶମିକ୍ ୧/୭ ପ୍ରତିଶତ ପୁରୁଷ ଏବଂ ୭୬ ଦଶମିକ୍ ୯/୬ ପ୍ରତିଶତ ମହିଳା ଭୋଟ ଦେଇଛନ୍ତି । ବିହାର ବିଧାନସଭା ଏବଂ ୮ଟି ଯାକ ଉପନିର୍ବାଚନର ଭୋଟ ଗଣତି ଆସନ୍ତା ଶୁକ୍ରବାର ଅନୁଷ୍ଠିତ ହେବା ସହ ଫଳାଫଳ ଘୋଷଣା କରାଯିବ ।

## ପିଏମ୍-ଭୁଟାନ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ଥିମ୍ପୁ ଠାରେ ଭୁଟାନ୍ ରାଜା ଜିଗ୍‌ମେ ଖେସର୍ ନାମ୍‌ଗ୍ୟେଲ୍ ୱାଙ୍ଗ୍‌ଚୁକ୍‌ଙ୍କ ସହ ପ୍ରତିନିଧି ସ୍ତରୀୟ ଆଲୋଚନା କରିଛନ୍ତି । ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ପାଇଁ ଉଭୟ ପକ୍ଷଙ୍କ ମଧ୍ୟରେ ମତବିନିମୟ ହୋଇଛି । ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗ ଆଲୋଚନାରେ ସ୍ଥାନ ପାଇଥିଲା । ତାସିଚୋଡ଼ଜଙ୍ଗର ଗ୍ରାଣ୍ଡ କ୍ୱିଏନ୍‌ରେ ହଲ୍‌ଠାରେ ସଂରକ୍ଷିତ ଥିବା ଭଗବାନ ବୁଦ୍ଧଙ୍କ ପବିତ୍ର ପିପ୍ରାହୱା

ଅବଶେଷ ନିକଟରେ ଉଭୟ ନେତା ପ୍ରାର୍ଥନା କରିଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏବଂ ଭୁଟାନ୍ ରାଜା ମିଳିତ ଭାବେ ୧ହଜାର ୨୦ ମେଗାୱାଟ୍ ପୁନତ୍ସାଙ୍ଖୁ ଦ୍ୱିତୀୟ ଜଳବିଦ୍ୟୁତ୍ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ । ଜଳବିଦ୍ୟୁତ୍ କ୍ଷେତ୍ରରେ ଦ୍ୱିପାକ୍ଷିକ ଶକ୍ତି ଭାଗିଦାରିତାକୁ ଏହି ପ୍ରକଳ୍ପ ପ୍ରତିପାଦନ କରୁଛି ।

ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି କରିବା ଲକ୍ଷ୍ୟ ନେଇ ଭାରତ ଏବଂ ଭୁଟାନ୍ ମଧ୍ୟରେ ତିନୋଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ସେଥିମଧ୍ୟରେ ନବୀକରଣୀୟ ଶକ୍ତି ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅନ୍ତର୍ଭୁକ୍ତ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗତ ରାତିରେ ଭୁଟାନ୍ ରାଜାଙ୍କ ଦ୍ୱାରା ଆୟୋଜିତ ଭୋଜିରେ ଅଂଶଗ୍ରହଣ କରିଥିଲେ । ଭୁଟାନ୍‌ରେ ଶକ୍ତି ପ୍ରକଳ୍ପକୁ ପାଣି ଯୋଗାଇବା ଲକ୍ଷ୍ୟ ନେଇ ଶ୍ରୀ ମୋଦୀ ୪ ହଜାର କୋଟି ଟଙ୍କାର ରିହାତି ମୂଳକ ଲାଇନ୍ ଅଫ୍ କ୍ରେଡିଟ୍ ଭାରତ ପକ୍ଷରୁ ଘୋଷଣା କରିଥିଲେ । ୧୨୦୦ ମେଗାୱାଟ୍ ପୁନତ୍ସାଙ୍ଖୁ ପ୍ରଥମ ଜଳସେଚନ ପ୍ରକଳ୍ପର ମୁଖ୍ୟ ନଦୀ ବନ୍ଧ ଗଠନ କାର୍ଯ୍ୟ ପୁନଃ ଆରମ୍ଭ କରିବା ପାଇଁ ଉଭୟ ଦେଶ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

ଭାରତ ସହଯୋଗରେ ଭୁଟାନ୍‌ରେ ଏ ପର୍ଯ୍ୟନ୍ତ ୫ଟି ଜଳବିଦ୍ୟୁତ୍ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇସାରିଛି । ଦକ୍ଷିଣ ଭୁଟାନ୍‌ର ଗେଲେଫୁ ମାଇଣ୍ଡଫୁଲ୍‌ନେସ୍ ସହର ଅନ୍ତର୍ଗତ ହାଟିସର୍ ଠାରେ ଏକ ଇମିଗ୍ରେସନ୍ ଚେକ୍‌ପୋଷ୍ଟ ପ୍ରତିଷ୍ଠା କରିବାକୁ ଉଭୟପକ୍ଷ ସହମତ ହୋଇଛନ୍ତି । ସୀମାପାର୍ ପର୍ଯ୍ୟଟନ ଏବଂ ନିବେଶକଙ୍କ ପାଇଁ ଏହା ଉପଯୋଗୀ ସାବ୍ୟସ୍ତ ହେବ । ଆସାମ୍‌ର କୋକରାଝର୍‌ରୁ ଗେଲେଫୁ ମାଇଣ୍ଡଫୁଲ୍‌ନେସ୍ ସହର ପର୍ଯ୍ୟନ୍ତ ରେଳ ସଂଯୋଗୀକରଣ ପ୍ରକଳ୍ପକୁ

ଖୁବ୍ ଶୀଘ୍ର ସମ୍ପନ୍ନ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହାଦ୍ୱାରା ଭୁଟାନ୍’ ଭାରତର ବିଶାଳ ବଜାରର ସୁବିଧା ପାଇବ ।

## ଶାହା-ମିଟିଂ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ଦିଲ୍ଲୀ କାର୍ ବିସ୍ଫୋରଣ ଘଟଣାରେ ସମ୍ପୃକ୍ତଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ତଦନ୍ତକାରୀ ସଂସ୍ଥା ପକ୍ଷରୁ ତଦନ୍ତ ପ୍ରକ୍ରିୟା ଅଧିକ ସଶକ୍ତ ହୋଇଛି । ନୂଆଦିଲ୍ଲୀରେ ଶ୍ରୀ ଶାହାଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା ହୋଇଛି । ଏହି ଘଟଣାରେ ସଂଶ୍ଳିଷ୍ଟଙ୍କୁ ଖୋଜି ବାହାର କରିବା ପାଇଁ ଅଧିକାରୀଙ୍କୁ ଶ୍ରୀ ଶାହା ନିର୍ଦ୍ଦେଶ ଦେଇଛନ୍ତି ।

ଏହି ଘଟଣାର ତଦନ୍ତ ଏନ୍.ଆଇ.ଏ. କରୁଛି । ଦିଲ୍ଲୀର ସମସ୍ତ ସମ୍ବେଦନଶୀଳ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ବିସ୍ଫୋରଣର କାରଣ ଏବଂ ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିବା ତଥା ସୁରକ୍ଷା ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବା ଲକ୍ଷ୍ୟ ନେଇ କର୍ତ୍ତୃପକ୍ଷ ସତର୍କତାର ସହ କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରଣାଳୟ କହିଛି । ବେଆଇନ୍ କାର୍ଯ୍ୟକଳାପ ନିବାରଣ ଆଇନ୍, ବିସ୍ଫୋରକ ଆଇନ୍ ଓ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରା ଅନୁଯାୟୀ ଦିଲ୍ଲୀ ପୁଲିସ୍ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି ।

ଦିଲ୍ଲୀ ମେଟ୍ରୋ ରେଳ ନିଗମ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଆସନ୍ତାକାଲି ପର୍ଯ୍ୟନ୍ତ ଲାଲ୍‌କିଲ୍ଲା ମେଟ୍ରୋରେଳ ଷ୍ଟେସନ୍‌କୁ ବନ୍ଦ ରଖାଯାଇଛି । ତେବେ ଅନ୍ୟ ସମସ୍ତ ମେଟ୍ରୋ ଷ୍ଟେସନ୍ ସ୍ୱାଭାବିକ ଭାବେ କାର୍ଯ୍ୟକ୍ଷମ ରହିଛି ବୋଲି ନିଗମ ପକ୍ଷରୁ କୁହାଯାଇଛି ।

# ଦିଲ୍ଲୀ ବ୍ଲାଷ୍ଟ୍

ଦିଲ୍ଲୀ କାର୍ ବିସ୍ଫୋରଣ ଘଟଣା ପରିପ୍ରେକ୍ଷୀରେ ସୁରକ୍ଷା ସଂସ୍ଥାଗୁଡ଼ିକ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି । ଦିଲ୍ଲୀ ଏନ୍.ସି.ଆର୍. ଏବଂ ପୁଲ୍‌ଓ୍ୱାମାର କେତେକ ସ୍ଥାନରୁ ବହୁ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି । ହରିଆଣାର ଫରିଦାବାଦ୍‌ରେ ଗତ ରବିବାର ଏବଂ ସୋମବାର ଚଢ଼ାଉ ବେଳେ ପ୍ରାୟ ୩ ହଜାର କିଲୋଗ୍ରାମ୍ ବିସ୍ଫୋରକ, ଡିଟୋନେଟର୍, ଟାଇମର୍ ଏବଂ ଅନ୍ୟାନ୍ୟ ବୋମା ପ୍ରସ୍ତୁତି ସାମଗ୍ରୀ ଜବତ ହୋଇଛି । ଏହି ଚଢ଼ାଉ ଦ୍ୱାରା ସମ୍ପୃକ୍ତ ଲୋକଙ୍କ ମଧ୍ୟରେ ଆତଙ୍କ ଓ ହତାସା ଭାବ ବୃଦ୍ଧି ଯୋଗୁଁ ଦିଲ୍ଲୀ ବିସ୍ଫୋରଣର ପ୍ରଭାବ ସୀମିତ ରହିଥିଲା ବୋଲି ସୁରକ୍ଷା ସଂସ୍ଥା ପକ୍ଷରୁ ବିଶ୍ୱାସ କରାଯାଇଛି । ଫଳରେ ଏକ ବଡ଼ ଆକ୍ରମଣକୁ ଏଡ଼େଇ ଦିଆଯାଇ ପାରିଛି ବୋଲି ସୁରକ୍ଷା ସଂସ୍ଥା କହିଛି ।

# ଏସ୍.ଆଇ ନିଯୁକ୍ତି– ସିବିଆଇ ତଦନ୍ତ

ଓଡ଼ିଶା ପୁଲିସ୍ ସବ୍-ଇନ୍ସପେକ୍ଟର ନିଯୁକ୍ତି ପରୀକ୍ଷାରେ ଅନିୟମିତତା ଅଭିଯୋଗର ତଦନ୍ତ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ସିବିଆଇ ଦ୍ୱାରା କରାଯିବ । କେନ୍ଦ୍ର ସରକାରଙ୍କ ପକ୍ଷରୁ ଏ ସଂକ୍ରାନ୍ତ ବିଜ୍ଞପ୍ତି ଗତକାଲି ପ୍ରକାଶ ପାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅନୁରୋଧ ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି । ପୁଲିସ୍ ଏସ୍.ଆଇ. ନିଯୁକ୍ତି ପରୀକ୍ଷାରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ଅଭିଯୋଗ ହେବା ପରେ ରାଜ୍ୟ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଏହାର ତଦନ୍ତ ଆରମ୍ଭ ହୋଇଥିଲା । ତେବେ ଏହି ଦୁର୍ନୀତିରେ ଆନ୍ତଃରାଜ୍ୟ ସଂଗଠିତ ଅପରାଧିକ ଗ୍ୟାଙ୍ଗ୍‌ର ସମ୍ପୃକ୍ତି ଥିବା ନେଇ

ସନ୍ଦେହ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ସି.ବି.ଆଇ. ତଦନ୍ତ ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ ।

## ପବ୍ଲିକ ସର୍ଭିସ ବ୍ରଡକାଷ୍ଟିଂ ଡେ

ଲୋକସେବା ପ୍ରସାରଣ ଦିବସ ଆଜି ପାଳନ କରାଯାଇଛି । ୧୯୪୭ ମସିହାରେ ଦିଲ୍ଲୀର ଆକାଶବାଣୀ ଷ୍ଟୁଡିଓକୁ ମହାତ୍ମା ଗାନ୍ଧୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଇଥାଏ । ଦେଶ ବିଭାଜନ ପରେ ହରିୟାଣାର କୁରୁକ୍ଷେତ୍ରରେ ଅସ୍ଥାୟୀଭାବେ ବସବାସ କରୁଥିବା ବିସ୍ଥାପିତ ଲୋକମାନଙ୍କୁ ସିଧାସଳଖ ସାକ୍ଷାତ କରିନପାରି ଜାତିର ଜନକ ମହାତ୍ମା ଗାନ୍ଧୀ ଏହି ଦିନ ଦିଲ୍ଲୀ ଆକାଶବାଣୀ କେନ୍ଦ୍ରରୁ ରେଡ଼ିଓ ବାର୍ତ୍ତା ମାଧ୍ୟମରେ ସମ୍ବୋଧିତ କରିଥିଲେ ।

୨୦୦୦ ମସିହାରେ ତତ୍କାଳୀନ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ସୁଷମା ସ୍ୱରାଜ ପ୍ରତିବର୍ଷ ନଭେମ୍ବର ୧୨ ତାରିଖକୁ ଲୋକସେବା ପ୍ରସାରଣ ଦିବସ ଭାବେ ପାଳନ କରିବାକୁ ଘୋଷଣା କରିଥିଲେ । ସେବେଠାରୁ ପ୍ରତିବର୍ଷ ଆକାଶବାଣୀ ପକ୍ଷରୁ ଏହି ଦିବସ ପାଳନ ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ । ଗାନ୍ଧିଜୀଙ୍କ ପ୍ରିୟ ଭଜନ ପରିବେଷଣ କରାଯାଇଥାଏ । ୨୦୨୩ ମସିହା ମାର୍ଚ୍ଚ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ୍ କି ବାତ୍‌ର ୧୦୦ତମ ସଂସ୍କାରଣ ଅବସରରେ ଆକାଶବାଣୀ ମହାତ୍ମା ଗାନ୍ଧୀ ଯେଉଁ ଷ୍ଟୁଡିଓରୁ ତାଙ୍କର ଐତିହାସିକ ବାର୍ତ୍ତା ପ୍ରଦାନ କରିଥିଲେ ତାକୁ 'ବାପୁ' ଷ୍ଟୁଡିଓ ଭାବେ ନାମିତ କରାଯାଇଛି । ସେଠାରେ ବାପୁଜୀଙ୍କ ଭାଷଣର ରେକର୍ଡ଼ିଂ, ପ୍ରାର୍ଥନା ସଭାର ଅଂଶ, ତାଙ୍କ ଗସ୍ତର ସ୍ମରଣୀୟ ଜିନିଷ

ଏବଂ ଐତିହାସିକ ଘଟଣାକୁ ଦର୍ଶାଉଥିବା ଏକ ସ୍ୱତନ୍ତ୍ର ଫଟୋ ଗ୍ୟାଲେରି ମଧ୍ଯ ରହିଛି ।

## ବନ୍ଦେ ମାତରମ୍

ଜାତୀୟ ଗୀତ ବନ୍ଦେ ମାତରମ୍ ୧୫୦ତମ ବାର୍ଷିକୀ ଦେଶବ୍ୟାପି ପାଳନ କରାଯାଉଛି । ଦେଶବାସୀଙ୍କୁ ଏକତ୍ରିତ କରିବା ଏବଂ ଦେଶ ପ୍ରୀତି ଭାବନାକୁ ଉଦ୍ରେକ କରିବାରେ ଏହି ଗୀତ ପ୍ରେରଣା ଯୋଗାଇ ଆସିଛି । ବନ୍ଦେ ମାତରମ୍‌ର ସବୁଠାରୁ ଲୋକପ୍ରିୟ ଏବଂ ସ୍ୱୀକୃତ ସଂସ୍କରଣ ରାଗ୍ ଦେଶ୍ ଉପରେ ଆଧାରିତ । ଦେଶ ପ୍ରେମ ଏବଂ ଭକ୍ତିପୂର୍ଣ୍ଣ ଭାବ ପରିପ୍ରକାଶ କରିବା ପାଇଁ ଏହି ରାଗ ଉଲ୍ଲେଖନୀୟ । ରାଗ୍ ଦେଶ୍‌ର ଆରୋହଣରେ ୫ଟି ସ୍ୱର ଏବଂ ଅବରୋହଣରେ ସମସ୍ତ ୭ଟି ସ୍ୱର ବ୍ୟବହାର କରାଯାଇଥାଏ । ଏହି ରାଗ୍ ମାଧ୍ୟମରେ ବୀର ରାସ ଏବଂ ଶୃଙ୍ଗାର ରାସକୁ ଉପଯୁକ୍ତ ଭାବେ ଉପସ୍ଥାପନ କରାଯାଇଥାଏ । ତେଣୁ ଦେଶାତ୍ମବୋଧକ ସଂଗୀତ ପାଇଁ ଏହି ରାଗଟି ବେଶ୍ ଉପଯୁକ୍ତ ସାବ୍ୟସ୍ତ ହୋଇଥାଏ । କିମ୍ବଦନ୍ତୀ ଶାସ୍ତ୍ରୀୟ ଗାୟକ ପଣ୍ଡିତ ଭୀମସେନ ଯୋଶୀ ଏହି ରାଗ୍ ଦେଶ୍‌ରେ ବନ୍ଦେ ମାତରମ୍ ଗୀତ ଗାଇ ସମସ୍ତଙ୍କ ହୃଦୟରେ ଅଲିଭା ଛାପ ଛାଡ଼ି ଯାଇଛନ୍ତି ।